**ବାହାରିଲେ ୨୧ ଆକ୍ରାନ୍ତ**

**ଅନୁଗୋଳ ଅଫିସ:** ଅନୁଗୋଳ ଜିଲାରୁ ଶୁକ୍ରବାରେ ୨୧ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୧,୭୫୪ରେ ପହଞ୍ଚିଛି। ସେହିପରି ଦିନକରେ ୪୮ ଜଣ ଆରୋଗ୍ୟ ଲାଭ କରିଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ଛେଣ୍ଡିପଦା ବ୍ଲକର ୯, ବଅଁରପାଳ ବ୍ଲକର ୭, ଅନୁଗୋଳ ପୌରାଞ୍ଚଳର ୩, ତାଳଚେର ବ୍ଲକ ଏବଂ ପୌରାଞ୍ଚଳରୁ ଜଣେ ଲେଖାଏ ରହିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି।



## ସଂକ୍ଷେପରେ

### କାର୍ଯ୍ୟାଳୟରୁ ମିଳିଲା ରାତ୍ର ଜଗୁଆଳିଙ୍କ ଝୁଲନ୍ତା ମୃତଦେହ

**ପରଜଙ୍ଗ, ୨୫।୧୨(ଡି.ଏନ.ଏ.):** ଢେଙ୍କାନାଳ ଜିଲା ପରଜଙ୍ଗସ୍ଥିତ ରେଙ୍ଗାଳି ବାମ କେନାଲ ଉଠା ଜଳସେଚନ ବିଭାଗ କାର୍ଯ୍ୟାଳୟରୁ ରାତ୍ର ଜଗୁଆଳି କୃତାର୍ଥ ଖିଲାରଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଛି। ତାଙ୍କ ଘର ଖଣ୍ଡୁଆଳମୁଣ୍ଡା ଗ୍ରାମରେ। ସେ ଗୁରୁବାର ସନ୍ଧ୍ୟାରେ ଡ୍ୟୁଟି କରିବାକୁ ଆସିଥିଲେ। ଶୁକ୍ରବାର ସକାଳେ ତାଙ୍କ ମୃତଦେହ ଲୁଙ୍ଗିରେ ଝୁଲୁଥିବା ଅବସ୍ଥାରେ ଠାବ କରାଯାଇଥିଲା। ସୂଚନା ପାଇ ସହକାରୀ ନିର୍ବାହୀ ଯନ୍ତ୍ରୀ ତ୍ରିଲୋଚନ ମଲ୍ଲିକ, ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲେ। କୃତାର୍ଥ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ତେବେ ବ୍ୟବଚ୍ଛେଦ ରିପୋର୍ଟରୁ ଏହା ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ବିଭାଗୀୟ ଅଧିକାରୀ ମୃତକଙ୍କ ଘରେ ପହଞ୍ଚି ସମବେଦନା ଜଣାଇଛନ୍ତି।

### ସାଇମନ୍ଦିର ଦ୍ୱିତୀୟ ପ୍ରତିଷ୍ଠା ଉତ୍ସବ

**ବଇଣ୍ଡା, ୨୫।୧୨(ଡି.ଏନ.ଏ.):** କିଶୋରନଗର ବ୍ଲକ ବଇଣ୍ଡାସ୍ଥିତ ସାଇ ମନ୍ଦିରର ଦ୍ୱିତୀୟ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। କୋଭିଡ୍ ନିୟମ ଅନୁପାଳନ ପୂର୍ବକ ବୁଧବାର କଳସରେ ପାଣି ଅଣାଯାଇଥିଲା। ଗୁରୁବାର ଯଥାନୀତି ପୂଜାର୍ଚ୍ଚନା, ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ମଦନ ମୋହନ ମିଶ୍ର, ଜଗତ ମୋହନ ମିଶ୍ର, ରାଜେଶ ମିଶ୍ର ପୂଜାର୍ଚ୍ଚନା କରିଥିବାବେଳେ ତପନ ସାହୁ, ସୁନୀତା ସାହୁ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଗତିକୃଷ୍ଣ ପ୍ରଧାନ, ଅନିଲ ସାହୁ, ବୀରବର ଶତପଥୀ, ପିଙ୍କୁ ମହାପାତ୍ର, ଅଜୟ ବେହେରା ପ୍ରମୁଖ ସହଯୋଗ କରିଥିଲେ।

### ଖବରଦାତାଙ୍କୁ ସୁରକ୍ଷା ଦାବି

**ଭୁବନ, ୨୫।୧୨(ଡି.ଏନ.ଏ.):** ନୟାଗଡ଼ ଜିଲା ଯଦୁପୁରରେ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧିଙ୍କ ଉପରେ ହୋଇଥିବା ଆକ୍ରମଣକୁ ଭୁବନ ଖବରଦାତା ସଂଘ ପକ୍ଷରୁ ନିନ୍ଦା କରାଯାଇଛି। ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଅଲେଖ ଚନ୍ଦ୍ର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ବୈଠକ ଆୟୋଜିତ ହୋଇଥିଲା। କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ସରକାରଙ୍କ ନିକଟରେ ଦାବି କରାଯିବ ବୋଲି ନିଷ୍ପତ୍ତି ହୋଇଛି। କୃଷ୍ଣଚନ୍ଦ୍ର ସାହୁ, ସରୋଜ ସାହୁ, ପ୍ରମୋଦ ଗୁରୁ, ଉଦୟ ପ୍ରଧାନ, ରାକେଶ ଗୁରୁ, ପପୁ ସାହୁ, ଗୌତମ ପାତ୍ର, ଦେବାନନ୍ଦ ସାହୁ, ମଳୟ ତ୍ରିପାଠୀଙ୍କ ସମେତ ବହୁ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

### ୪ ବଖରା ଛାରଖାର

**ବଇଣ୍ଡା, ୨୫।୧୨(ଡି.ଏନ.ଏ.):** କିଶୋରନଗର ବ୍ଲକ ବିଲେଇନାଳୀ ପଞ୍ଚାୟତ ସଦରରେ ଗୁରୁବାର ଅଗ୍ନିକାଣ୍ଡ ଘଟି କିଶୋରୀ ରଣା, ସଂସ୍କାର ରଣାଙ୍କ ୪ ବଖରା ଛପର ଘର ଛାରଖାର ହୋଇଯାଇଛି। କେଶବ ରଣା, ଗୋବର୍ଦ୍ଧନ ରଣା, ଦ୍ୱିତୀୟା ରଣା, ଚିରଞ୍ଜୀବୀ ରଣାଙ୍କ ପାଳଭାଡ଼ି ପୋଡ଼ିଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ। ଏଥିରେ ଲକ୍ଷାଧିକ ଟଙ୍କାର କ୍ଷୟକ୍ଷତି ହୋଇଛି। ବାମୁର ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିବିପନ୍ନ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

### ଟ୍ରକ ଚାଳକଙ୍କୁ ମାଡ଼ ମାରି ଜଣେ ଗିରଫ

**କଣିହାଁ, ୨୫।୧୨(ଡି.ଏନ.ଏ.):** କଣିହାଁ ଏନ୍‌ଟିପିସି ପ୍ରକଳ୍ପ ପାଉଁଶ ପରିବହନରେ ନିୟୋଜିତ ୨ ଟ୍ରକ୍ ଚାଳକଙ୍କୁ ମାଡ଼ ମାରି ୬ ହଜାର ଟଙ୍କା ଲୁଟ୍ କରିବା ଅଭିଯୋଗରେ ପୋଲିସ ଟୋଲକବେଡ଼ା ଗ୍ରାମର ଅଜୟ ସାହୁ (୨୬)ଙ୍କୁ ଗିରଫ କରିଛି। ଗତ ମଙ୍ଗଳବାର ମୁଣ୍ଡାହଟିଂ ନିକଟରେ ଅଜୟ ୨ ଟ୍ରକ୍‌କୁ ଅଟକାଇ ଚାନ୍ଦା ମାଗିଥିଲେ। ଡ୍ରାଇଭର ବିରୋଧ କରିବାରୁ ସେ ଗାଡ଼ିର କାଚ ଭାଙ୍ଗିଦେବା ସହ ଉଭୟଙ୍କୁ ନିସ୍ତୁକ ପିଟିଥିଲେ। ୬ ହଜାର ଟଙ୍କା ଲୁଟି ନେଇଥିଲେ। ପରିବହନ ସଂସ୍ଥାର ସୁପରଭାଇଜର ଦିଲୀପ କୁମାର ନାଏକଙ୍କ ଅଭିଯୋଗକ୍ରମେ ଅଜୟଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ କହିଛି।

# ସୁଯୋଗ ଉଣ୍ଡୁଛନ୍ତି ବେସରକାରୀ ସ୍କୁଲ

**ଖମାର, ୨୫।୧୨**



ସ୍କୁଲ ମିଶ୍ରଣ ବିରୋଧରେ ଗତ ନଭେମ୍ବରରେ ସାହୁପଡ଼ା ପ୍ରାଇମେରୀ ସ୍କୁଲ ଆଗରେ ଅଭିଭାବକମାନଙ୍କ ଆନ୍ଦୋଳନ।

- ଭିତ୍ତିଭୂମି ନ ଥାଇ ପ୍ରାଇଭେଟ୍ ସ୍କୁଲକୁ ଅନୁକମ୍ପା
- ସରକାରୀ ମାନଦଣ୍ଡ ପୂରଣ କରିବାରେ ବିଫଳ
- ଶୈକ୍ଷିକ ପରିବେଶ ନ ଥାଇ ହାତଉଛନ୍ତି ଅନୁମତି

ପିଲାସଂଖ୍ୟା କମ୍ ଏବଂ ଭିତ୍ତିଭୂମି ସମସ୍ୟା ଥିବା ଦର୍ଶାଇ ବନ୍ଦ କରିଦିଆଗଲା ସରକାରୀ ବିଦ୍ୟାଳୟ। ହେଲେ ପ୍ରକୃତ ସମସ୍ୟା ଏଇଠୁ ଆରମ୍ଭ। କୋଭିଡ୍ କଟକଣା ହଟିବା ପରେ କୋମଳମତି ପିଲାମାନେ ନିଜ ଅଞ୍ଚଳ ଛାଡ଼ି ଦୂର ସ୍ଥାନକୁ ପାଠ ପଢ଼ିବାକୁ ଯିବେ। ଦୂରଦୃଷ୍ଟିହୀନ ଏଭଳି ନିଷ୍ପତ୍ତି ସେମାନଙ୍କ ଉପରେ ବୋଝ ପାଲଟିବ। ହେଲେ ଏହା ପରୋକ୍ଷରେ ବେସରକାରୀ ବିଦ୍ୟାଳୟକୁ ସୁହାଇବ, ଯାହାର ସୁଯୋଗ ନେବାକୁ ଉଣ୍ଡୁଛନ୍ତି ସେମାନେ। ଭିତ୍ତିଭୂମି ନ ଥିବାସତ୍ତ୍ୱେ ମାଳ ମାଳ ପ୍ରାଇଭେଟ୍ ସ୍କୁଲ ଖୋଲିବା ଲାଗି ଅନୁମତି ଦିଆଯାଉଥିବାବେଳେ ସରକାରୀ ସ୍କୁଲରେ ତାଲା ପଡ଼ିବାକୁ ନାପସନ୍ଦ କରିଛନ୍ତି ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ଖମାର ଅଞ୍ଚଳର ବୁଦ୍ଧିଜୀବୀ।

ଗତ କିଛିବର୍ଷ ଭିତରେ ପାଲଲହଡ଼ା ବ୍ଲକ ଅଞ୍ଚଳରେ ୧୯ ବେସରକାରୀ ଶିକ୍ଷାନୁଷ୍ଠାନ ଖୋଲିବାକୁ ଅନୁମତି ଦିଆଯାଇଛି। ତନ୍ମଧ୍ୟରେ ଅଧିକାଂଶରେ ଭିତ୍ତିଭୂମି ନ ଥିବାବେଳେ ନାମକୁମାତ୍ର କାଗଜପତ୍ରରେ ଚାଲିଛି। ବେସରକାରୀ ସ୍କୁଲକୁ ଅନୁମତି ପ୍ରଦାନ ସମୟରେ କେତେକ ମାନଦଣ୍ଡ ଦେଖାଯାଇଥାଏ। ସେଥିରୁ ଶୈକ୍ଷିକ ପରିବେଶ, ତାଲିମପ୍ରାପ୍ତ ଶିକ୍ଷକ, ସୁରକ୍ଷିତ କୋଠା, ପିଲାଙ୍କ ପାଇଁ ଖେଳପଡ଼ିଆ ଆଦି ରହିବା ଜରୁରୀ। ହେଲେ ଅନୁମତି ହାତେଇଥିବା ବେସରକାରୀ ସ୍କୁଲ ଭିତରୁ ୮୦% ଏସବୁ ମାନଦଣ୍ଡ ପୂରଣ କରିବାରେ ବିଫଳ। ତଥାପି ସେମାନେ କୌଶଳକ୍ରମେ ଅନୁମତି ହାତେଇଛନ୍ତି। ଅନ୍ୟପଟେ ଆବଶ୍ୟକ ସୁବିଧା ଥିବା ସତ୍ତ୍ୱେ ସରକାରୀ ସ୍କୁଲରେ ତାଲାପଡ଼ିବା ଦୂରଦୃଷ୍ଟିର ଅଭାବ ବୋଲି ଆଲୋଚନା ହେଉଛି। ସେହିପରି ସରକାରୀ ସ୍କୁଲ ବନ୍ଦ ହେବା ପରେ ବିକଳ୍ପ ନ ଥିବାରୁ ଅଭିଭାବକ ବାଧହୋଇ ପ୍ରାଇଭେଟ ସ୍କୁଲରେ ପିଲାଙ୍କ ନାମ ଲେଖାଇବେ। ସରକାରୀସ୍ତରରେ ପ୍ରାଥମିକ ଶିକ୍ଷା ସମ୍ପୂର୍ଣ୍ଣ ଦେୟମୁକ୍ତ ହୋଇଥିବାବେଳେ ଏବେ ସେମାନଙ୍କୁ ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡ଼ିବ।

ସୂଚନାଯୋଗ୍ୟ, ସରକାରୀ ମାନଦଣ୍ଡ ପୂରଣ କରିପାରୁ ନ ଥିବାରୁ ପାଲଲହଡ଼ା ବ୍ଲକର ୨୭ ପ୍ରାଥମିକ ବିଦ୍ୟାଳୟରେ ତାଲା ଝୁଲିବ। ତନ୍ମଧ୍ୟରୁ ୫ଟି ରହିଛି ଖମାର ଅଞ୍ଚଳରେ। ଏଠାରେ ପଢୁଥିବା ପିଲାମାନେ ଏଣିକି ନିକଟ ସ୍କୁଲରେ ପାଠପଢ଼ିବେ। ତେବେ ଜିଲାର ଉପାନ୍ତ ଅଞ୍ଚଳ ଭାବେ ପରିଚିତ ଖମାରରେ ଏଥିଲାଗି ଛାତ୍ରୀଛାତ୍ରଙ୍କୁ ସଂଘର୍ଷ କରିବାକୁ ପଡ଼ିବ। କାରଣ ଅନେକ ସ୍ଥାନରେ ନିକଟତମ ସ୍କୁଲ ପାଇଁ ସର୍ବନିମ୍ନ ୩ କିମି ଯିବାକୁ ପଡ଼ିବ। ସେହିପରି ଅନ୍ୟ କେତେକ ସ୍ଥାନରେ ବିପଦସଙ୍କୁଳ ଜାତୀୟ ରାଜପଥ ପାର୍ ହେବାକୁ ପଡ଼ିବ। ତେଣୁ ପିଲାଙ୍କୁ ଦୂରବାଟକୁ ନ ଛାଡ଼ି ପାଖ ବେସରକାରୀ ସ୍କୁଲରେ ପଢ଼ାଇବାକୁ ଅନେକେ ମନ ବଳାଇଲେଣି। ହେଲେ ଏହା ଗରିବ ଅଭିଭାବକଙ୍କ ଲାଗି ବୋଝ ପାଲଟିବ। ତଥାପି ପିଲାଙ୍କ ଭବିଷ୍ୟତକୁ ନଜରରେ ରଖି ସେମାନେ ଏଭଳି ଯୋଜନା କରୁଛନ୍ତି, ଯାହାର ସୁଯୋଗ ନେବାକୁ ଚାହିଁ ବସିଛନ୍ତି ପ୍ରାଇଭେଟ ସ୍କୁଲ। ତେଣୁ ପିଲାଙ୍କ ସୁରକ୍ଷିତ ଭବିଷ୍ୟତ ପାଇଁ ସରକାର ନିଷ୍ପତ୍ତିର ପୁନର୍ବିଚାର କରିବା ଆବଶ୍ୟକ ବୋଲି ଅଞ୍ଚଳବାସୀ ମତ ଦେଇଛନ୍ତି।

### କାଗଜପତ୍ର ଦେଖି ଅନୁମତି ମିଳୁଛି



ବେସରକାରୀ ସ୍କୁଲ ଖୋଲିବା ଲାଗି ସରକାରୀ ଗାଇଡ୍‌ଲାଇନ ରହିଛି। କାଗଜପତ୍ର ଅନୁଧାନ କରିବା ପରେ ନିୟମ ଅନୁଯାୟୀ ଅନୁମତି ଦିଆଯାଉଛି।

-ପୁରୁଷୋତ୍ତମ ବେହେରା, ବ୍ଲକ ଶିକ୍ଷା ଅଧିକାରୀ

### ତଦାରଖ ହେଉନାହିଁ



ବେସରକାରୀ ବିଦ୍ୟାଳୟରେ ପାଠପଢ଼ା ବ୍ୟୟବହୁଳ। ଭିତ୍ତିଭୂମି ନ ଥାଇ ସେଗୁଡ଼ିକୁ ଅନୁମତି ମିଳୁଛି। ବିଭାଗୀୟ ଅଧିକାରୀ ତଦାରଖ କରୁନାହାନ୍ତି, ଯାହା ଦୁର୍ଭାଗ୍ୟଜନକ।

- ରମାକାନ୍ତ ତ୍ରିପାଠୀ, ଅଭିଭାବକ, ଶଙ୍ଖମୁର

### ବିଭାଗୀୟ ଅବହେଳା ଦାୟୀ



ବେସରକାରୀ ସ୍କୁଲ ପାଇଁ ସରକାରୀ ବିଦ୍ୟାଳୟରେ ଶିକ୍ଷା ପ୍ରଭାବିତ ହେଉଛି। ଏହାର ସିଧାସଳଖ ପ୍ରଭାବ ଗରିବ ଅଭିଭାବକ ଏବଂ ଛାତ୍ରୀଛାତ୍ରଙ୍କ ଉପରେ ପଡୁଛି। ଏଥିପାଇଁ ବିଭାଗୀୟ ଅଧିକାରୀଙ୍କ ଅବହେଳା ଦାୟୀ।

- କୁନ୍ଦୁ ସାହୁ, ବରିଷ୍ଠ ନାଗରିକ, ଖମାର

### ସରକାର କଠୋର ହୁଅନ୍ତୁ



ସରକାରୀ ବିଦ୍ୟାଳୟରେ ପାଠ ପଢୁଥିବା ପିଲାଙ୍କୁ ଚାକିରିରେ ଅଗ୍ରାଧିକାର ମିଳିବା ଉଚିତ। ବେସରକାରୀ ସ୍କୁଲଗୁଡ଼ିକର ଭିତ୍ତିଭୂମି ତଦାରଖ କରିବାରେ ସରକାର କଠୋର ଆଭିମୁଖ୍ୟ ଅବଲମ୍ବନ କରିବା ଜରୁରୀ।

- ଯୁଗଳ କିଶୋର ଜିତ୍, ଅଭିଭାବକ ଖମାର

### ପାଠପଢ଼ା ପ୍ରଭାବିତ ହେବ



ସ୍କୁଲ ମିଶ୍ରଣ ନିଷ୍ପତ୍ତି ଯୋଗୁ ଶତାଧିକ ପିଲାଙ୍କ ପାଠପଢ଼ା ପ୍ରଭାବିତ ହେବ। ଛୋଟ ଛୋଟ ପିଲାଙ୍କ ପକ୍ଷେ ଦୂରକୁ ଯାଇ ପାଠ ପଢ଼ିବା ସମ୍ଭବ ହେବନାହିଁ। ସ୍କୁଲ ବନ୍ଦ କରିବା ବଦଳରେ ଭିତ୍ତିଭୂମି ସଜାଡ଼ିବା ଉପରେ ଶିକ୍ଷା ବିଭାଗ ଗୁରୁତ୍ୱ ଦେବା ଜରୁରୀ ହୋଇପଡ଼ିଛି।

- ଖଗେଶ୍ୱର ସାହୁ, ଅବସରପ୍ରାପ୍ତ ଶିକ୍ଷକ, ଜେନାପଡ଼ା

## ମାତିଲେ ହାତୀ, ବ୍ୟାପକ ଫସଲ ହାନି

**କଣିହାଁ, ୨୫।୧୨(ଡି.ଏନ.ଏ.)**

ଅନୁଗୋଳ ଜିଲା କଣିହାଁ ବ୍ଲକ ବୀରୁ ପଞ୍ଚାୟତ ଲଙ୍ଗଳଖୋଲ ଗ୍ରାମରେ ଗୁରୁବାର ରାତିରେ ହାତୀପଲ ବ୍ୟାପକ ପରିବା ଚାଷ ନଷ୍ଟ କରିଛନ୍ତି। ଏଥିରେ ଚାଷୀ ରାଜକିଶୋର ପ୍ରଧାନଙ୍କ ବନ୍ଧାକୋବି ବାଡ଼ ଉଜୁଡ଼ି ଯାଇଛି। ଆନୁମାନିକ ୨୫ ହଜାର ଟଙ୍କା କ୍ଷୟକ୍ଷତି ହୋଇଛି। ଏଥିସହିତ ହାତୀପଲ ଜମିରେ ବିଛାଯାଇଥିବା ବୋରୱେଲ ପାଇପ୍ ଲାଇନ ନଷ୍ଟ କରିଦେଇଥିବା ସେ ଅଭିଯୋଗ କରିଛନ୍ତି। ଅଞ୍ଚଳବାସୀଙ୍କ କହିବା କଥା, କିଛିଦିନ ହେଲା ଦଳବଦ୍ଧ ଭାବେ ୧୮ ହାତୀ ମାଙ୍କଡ଼ତୁଆ ଜଙ୍ଗଲରେ ଡେରା ପକାଇଛନ୍ତି। ସେମାନେ ରାତିଅଧିଆ ଗ୍ରାମରେ ପ୍ରବେଶ କରି ଫସଲ ନଷ୍ଟ କରୁଛନ୍ତି। ଏବେ ଧାନ ଅମଳ ହୋଇସାରିଥିବା ବେଳେ ହାତୀଙ୍କ ନଜର ପନିପରିବା ଫସଲ ଉପରେ ପଡ଼ିଛି। ହାତୀ ଆତଙ୍କରେ ବୀରୁ, ସିଆରିଆ, ବାଦିବାହାଳ, ମହୀଧରପୁର, ଗୌଣିଘଷା ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି। ବନ ବିଭାଗ ହାତୀ ଘଉଡ଼ାଇବାରେ ବିଫଳ ହୋଇଛି। ସୋଲାର ଫ୍ୟାନସିଂ ସିଷ୍ଟମ୍ ଏବଂ ଟ୍ରେଞ୍ଚ୍ ମରାମତି ହେଉ ନ ଥିବାରୁ ହାତୀପଲ ସହଜରେ ଗାଁ ମୁହାଁ ହେଉଛନ୍ତି। ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି। ଏ ସଂକ୍ରାନ୍ତରେ ଶିପୁର ସେକ୍ସନ ଫରେଷ୍ଟର ବାମନ ରାଉତ କୁହନ୍ତି, କ୍ଷତିଗ୍ରସ୍ତ ଚାଷୀ ଆବେଦନ କରିବା ପରେ ତଦନ୍ତ କରାଯିବ। ଏହାପରେ କ୍ଷତିପୂରଣ ପ୍ରଦାନ ଲାଗି ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯିବ।

# ‘ନିଷ୍ଠାପର ସାଧନା ସଫଳତାର ସୂତ୍ର’

- ସୋନାଲିଙ୍କୁ ‘ପଠାଣି ସାମନ୍ତ’ ପୁରସ୍କାର
- ପୁରାତନ ଛାତ୍ର ସୌମେଶଙ୍କୁ ‘ଇଟେକ୍ ସମ୍ମାନ’

**ଢେଙ୍କାନାଳ ଅଫିସ, ୨୫।୧୨**



ମେଧାବୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା କରାଯାଉଛି।

ଛାତ୍ର ଜୀବନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ନିଷ୍ଠାପର ଉଦ୍ୟମ ବିଦ୍ୟାର୍ଥୀଙ୍କ ବ୍ରତ ହେବା ଉଚିତ। ସାଧନା ଏବଂ ଅଧ୍ୟବସାୟ ବଳରେ ସଫଳତା ମିଳିବ। ଏହାକୁ ଯୁବପିଢ଼ି ହୃଦୟଙ୍ଗମ କରି କାର୍ଯ୍ୟରେ ଲଗାଇବା ଜରୁରୀ ବୋଲି କହିଛନ୍ତି ଢେଙ୍କାନାଳ ସିଡିଏମ୍‌ଓ ଡା. ସୁଜାତାରାଣୀ ମିଶ୍ର। ଇଟେକ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା କାର୍ଯକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି। ମଣିଷପଣିଆ ବଜାୟ ରଖିପାରିଲେ ସବୁସ୍ତରରେ ନିଜକୁ ପ୍ରତିପାଦିତ କରିହେବ ବୋଲି ଅନୁଷ୍ଠାନର ଅଧ୍ୟକ୍ଷ ଡ. ସୁରେଶ ମିଶ୍ର ମତବ୍ୟକ୍ତ କରିଥିଲେ। ହିନ୍ଦୋଳ ରୋଡ୍ ମହାବିଦ୍ୟାଳୟର ଅଧ୍ୟାପକ ମନୋଜ ରାଉତ, ଇଟେକ୍ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସାରଦା ପ୍ରସାଦ ମହାନ୍ତି ଛାତ୍ରୀଛାତ୍ରଙ୍କ ମାର୍ଗଦର୍ଶନ କରିଥିଲେ।

ଚଳିତବର୍ଷ ଇଟେକ୍ ଟପ୍ପର ଛାତ୍ରୀ ସୋନାଲି ପ୍ରିୟଦର୍ଶିନୀ ନାୟକଙ୍କୁ ‘ପଠାଣି ସାମନ୍ତ’ ପୁରସ୍କାର ପ୍ରଦାନ କରାଯାଇଥିଲା। ଗଣିତରେ ସର୍ବୋଚ୍ଚ ନମ୍ବର ରଖିଥିବା ଦେବସ୍ମିତା ସାମଲଙ୍କୁ ‘ଆର୍ଯ୍ୟଭଟ୍ଟ ପୁରସ୍କାର’ ଦିଆଯାଇଥିଲା। ସେହିପରି ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ରହିଥିବା ଭକ୍ତି ପ୍ରସାଦ ମିଶ୍ର, ସବିନ କୁମାର ବିଶ୍ୱାଳ ପୁରସ୍କୃତ ହୋଇଥିଲେ। ବାର୍ଷିକ ପରୀକ୍ଷାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀ ସୁନେଲି ନାୟକ, ସୌମ୍ୟାଶ୍ରୀ ସାହୁ ଏବଂ ଲକ୍ଷ୍ମୀପ୍ରିୟା ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚଳିତବର୍ଷ ଇଟେକ୍ ଏଣ୍ଟ୍ରାନ୍ସରେ କୋଚିଂ ନେଇ ୭ ଛାତ୍ରୀଛାତ୍ର ବିଭିନ୍ନ ମେଡିକାଲ କଲେଜରେ ନାମ ଲେଖାଇଛନ୍ତି। ୬୫୮ ମାର୍କ ରଖିଥିବା ଅକ୍ଷୟ ପଣ୍ଡା ଅବିଭକ୍ତ ଢେଙ୍କାନାଳ ଜିଲାରେ ପ୍ରଥମ ସ୍ଥାନ ଅଧିକାର କରି କଟକ ଏସ୍‌ସିବି ମେଡିକାଲ କଲେଜରେ ପଢ଼ିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି କ୍ରମରେ ଶାଶ୍ୱତ ପ୍ରସାଦ ରାଉତ ଏବଂ ସବ୍ୟସାଚୀ ସଚ୍ଚିକାନ୍ତ ଜେନା କଟକ ଏସ୍‌ସିବି, ଜାଗୃତି ବିଶ୍ୱାଳ କୋଲକାତା ଏମ୍‌ସ୍, ଦେବେନ୍ଦ୍ର ପୃଷ୍ଟି ଏବଂ ଶୁଭଶିତା ରଣବୈଷ୍ଣୋ ବୁର୍ଲା ମେଡିକାଲ କଲେଜ, ଡୋନାଲିକା ପ୍ରଧାନ ବଲାଙ୍ଗୀର ସନ୍ଥକବି ଭୀମଭୋଇ ମେଡିକାଲ କଲେଜରେ ନାମ ଲେଖାଇଛନ୍ତି। ତନ୍ମୟୀ ନାୟକ ଓ ଆଦ୍ୟାଶା ପ୍ରିୟଦର୍ଶିନୀ ନିଟ୍ ରାଉରକେଲାରେ ନାମ ଲେଖାଛନ୍ତି। ସେହିପରି ପୁରାତନ ଛାତ୍ର ସୌମେଶ ଶୁଭ୍ରଜିତ୍‌ଙ୍କୁ କରୋନା ଯୋଦ୍ଧା ‘ଇଟେକ୍ ସମ୍ମାନ’ ପ୍ରଦାନ କରାଯାଇଛି।

## ବେଲାଦୁଲାରେ ବନ୍ଦ ହେଲା ବଳି



ବଳି ଦିଆଯିବାକୁ ରଖାଯାଇଥିବା ଛେଳି ଜବତ କରାଯାଇଛି।

**ମାଧପୁର, ୨୫।୧୨:** ଆଠମଲ୍ଲିକ ବ୍ଲକ କନ୍ଧପଡା ପଞ୍ଚାୟତ ଅଧୀନ ବେଲାଦୁଲା ଗ୍ରାମର ମା’ ମାଉଳିଙ୍କ ପୀଠରେ ମାର୍ଗଶିର ଶେଷ ଗୁରୁବାର ଦିଆଯାଉଥିବା ବଳିପ୍ରଥାକୁ ପ୍ରଶାସନ ସମ୍ପୂର୍ଣ୍ଣ ବନ୍ଦ କରିଛି। ତହସିଲଦାର ଡ. ସ୍ୱରୂପାନନ୍ଦ ସାହୁଙ୍କ ନେତୃତ୍ୱରେ ଅତିରିକ୍ତ ତହସିଲଦାର ଅଶୋକ ଦେହୁରୀ, କିଆକଟା ଥାନା ଏସ୍‌ଆଇ ସଞ୍ଜୟ ବେହେରା ସଦଳବଳ ରାତି ସାରା ଗ୍ରାମରେ ପଇଁତରା ମାରିଥିଲେ। ବଳି ଉଦ୍ଦେଶ୍ୟରେ ରଖାଯାଇଥିବା ୮ ଛେଳି ଜବତ କରାଯାଇଥିବା ତହସିଲଦାର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ୨୧ ତାରିଖରେ ବଳିପ୍ରଥା ଭଳି ଅନ୍ଧବିଶ୍ୱାସଠାରୁ ଦୂରେଇ ରହିବାକୁ ତହସିଲ କାର୍ଯ୍ୟାଳୟରେ ବୈଠକ ହୋଇଥିଲା। ଏଭଳି କାର୍ଯ୍ୟରୁ ନିବୃତ୍ତ ରହିବାକୁ ତହସିଲଦାର ନିବେଦନ କରିଥିଲେ। ତଥାପି କେତେଜଣ ବ୍ୟକ୍ତି ବଳି ସପକ୍ଷରେ ବାହାରିବାରୁ ପ୍ରଶାସନ ଏଭଳି ପଦକ୍ଷେପ ନେଇଥିବା ଜଣାପଡ଼ିଛି।

## ଏନ୍‌ଟିପିସିରେ ଶକ୍ତିକ୍ଷେତ୍ର କାର୍ଯ୍ୟକ୍ରମ

**କଣିହାଁ, ୨୫।୧୨(ଡି.ଏନ.ଏ.)**

ବିଦ୍ୟୁତକ୍ଷେତ୍ର ସହ ଜଡ଼ିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସଚେତନତା ଲାଗି ନ୍ୟାଶନାଲ ଥର୍ମାଲ ପାୱାର କର୍ପୋରେଶନ (ଏନ୍‌ଟିପିସି) ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ୟୁନିଟର ସିଜିଏମ୍ ସୁଦୀପ ନାଗ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିଙ୍କୁ କମ୍ପାନୀ ପକ୍ଷରୁ ଗ୍ରହଣ କରାଯାଇଥିବା ଅପରେଶନ ଏବଂ ସିଏସ୍‌ଆର୍ କାର୍ଯ୍ୟକ୍ରମ ବିଷୟରେ ସବିଶେଷ ସୂଚନା ଦେଇଥିଲେ। ଏହି ଅବସରରେ ସେ ଏଫ୍‌ଜିଡି କାର୍ଯ୍ୟର ଶୁଭାରମ୍ଭ ସହ ମାଇନ୍ ଭଏଡ୍ ଫିଲିଂ ସମ୍ପର୍କରେ ସୂଚନା ଦେଇଥିଲେ। ସବୁଜ ଏବଂ ନିରନ୍ତର ଶକ୍ତି ଯୋଗାଣକୁ ଧ୍ୟାନରେ ରଖି ଏହି ପ୍ରକଳ୍ପ କାର୍ଯ୍ୟକୁ ଏବେ ତ୍ୱରାନ୍ୱିତ କରାଯାଉଛି। ଏହାବାଦ ଏନ୍‌ଟିପିସି ତାଳଚେର କଣିହାଁର ଦୀର୍ଘମିଆଦି ଶକ୍ତି ନିରାପତ୍ତା କାର୍ଯ୍ୟକ୍ରମ କୋଇଲାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରାଯାଉଛି। ଷ୍ଟେଶନର ଉତ୍ପାଦନ କ୍ଷମତା ବଢ଼ାଇବା ଲାଗି ନୂଆକରି ଆରମ୍ଭ କରାଯାଇଥିବା ୱାଗନ ଟିପଲର ବ୍ୟବସ୍ଥା, ଷ୍ଟେଶନର ନିରାପତ୍ତା, ପାଉଁଶକୁ ବ୍ୟବହାର କରି ରାଜପଥ ନିର୍ମାଣ, ଏମ୍‌ସିଏଲ୍ ଚୁକ୍ତି ଦ୍ୱାରା ମାଇନ୍ ଭଏଡ୍ ଫିଲିଂ, ପ୍ରତିଦ୍ୱନ୍ଦ୍ୱୀ ମୂଲ୍ୟରେ ଭରଷାଯୋଗ୍ୟ ଶକ୍ତି ଯୋଗାଣ ଏବଂ ସାମାଜିକ ଦୁର୍ବଳ ବର୍ଗଙ୍କ ଲାଗି କମ୍ପାନୀ ଗ୍ରହଣ କରୁଥିବା କାର୍ଯ୍ୟକ୍ରମ ଉପରେ ସେ ମତବ୍ୟକ୍ତ କରିଥିଲେ। ଜିଏମ୍ ଏନ୍.ଏସ୍. ରାଓ, ଜିଏମ୍ ଶିଭମ ଶ୍ରୀବାସ୍ତବ, ଜିଏମ୍ ଗଜଧର ସିଂ ଏବଂ ଜିଏମ୍ ଏସ୍. ମୁରୁଗାନ ପ୍ରମୁଖ ଉପସ୍ଥିତ ଥିଲେ।




ବୈଠକରେ ଉପସ୍ଥିତ ଏନ୍‌ଟିପିସିର ଅଧିକାରୀମାନେ।

# ସପ୍ତଶଯ୍ୟା ଶୂନ୍‌ଶାନ୍

- କଟକଣା ପାଇଁ ଫିକା ପଡ଼ିଲା ବଡ଼ଦିନ
- ସାରାଦିନ ଜଗିରହିଲେ ପୋଲିସ କର୍ମଚାରୀ
- ଆସିଲେନି ପର୍ଯ୍ୟଟକ, ହେଲାନି ବଣଭୋଜି

**ଢେଙ୍କାନାଳ ଅଫିସ, ୨୫।୧୨**



ପର୍ଯ୍ୟଟକ ନ ଥିବାରୁ ଖାଁ ଖାଁ ସପ୍ତଶଯ୍ୟା।

ସମସ୍ତଙ୍କ ମନରେ ଭରି ରହିଥିଲା ଉତ୍ସାହ। ଶୀତର ସ୍ପର୍ଶରେ ପ୍ରକୃତି ହସି ଉଠିଥିବାବେଳେ କିଛି ମୁହୂର୍ତ୍ତ ସବୁଜିମା କୋଳରେ ବିତାଇବାକୁ ଢେର ଦିନରୁ ଯୋଜନା କରିଥିଲେ ଅନେକେ। ଭୋଜି ଭାତ ନ ହେଲେ ବି ହାତ ଗଣତି ସାଙ୍ଗସାଥୀଙ୍କ ସହ ଜଙ୍ଗଲ ପରିବେଶରେ ଘେରାଏ ବୁଲି ଆସିବାକୁ ଚୂଡ଼ାନ୍ତ ହୋଇଥିଲା ପ୍ରୋଗ୍ରାମ। ହେଲେ ପ୍ରଶାସନର କଠୋର କୋଭିଡ୍ କଟକଣା ଆଗରେ ସବୁକିଛି ଫିକା ପଡ଼ିଗଲା। ପବିତ୍ର ବଡ଼ଦିନରେ ଢେଙ୍କାନାଳର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ସପ୍ତଶଯ୍ୟା ପୋଲିସ ବଳୟରେ ରହିଥିବାବେଳେ ବିନା ଗହଳଚହଳରେ ଖାଁ ଖାଁ ଲାଗୁଥିଲା ସମ୍ପୂର୍ଣ୍ଣ ପରିବେଶ।

ଢେଙ୍କାନାଳର ଜିଲାର ପର୍ଯ୍ୟଟନ ବିଭବରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି ସପ୍ତଶଯ୍ୟା। ବର୍ଷତମାମ ଏଠାକୁ ପର୍ଯ୍ୟଟକଙ୍କ ସମାଗମ ଲାଗି ରହୁଥିଲେ ମଧ୍ୟ ବଡ଼ଦିନ, ନୂଆବର୍ଷ ଏବଂ ପର୍ଯ୍ୟଟନ ଋତୁରେ ଅସମ୍ଭାଳ ଭିଡ଼ ହୋଇଥାଏ। ଜିଲା ସମେତ ରାଜ୍ୟ ଓ ରାଜ୍ୟ ବାହାରୁ ପର୍ଯ୍ୟଟକ ଏଠାକୁ ଆସି ବଣଭୋଜିର ମଜା ନେଇଥାନ୍ତି। ତେବେ ଚଳିତ ବର୍ଷ କରୋନା ସବୁକିଛି ବିଗାଡ଼ି ଦେଇଛି। ଏପ୍ରିଲରୁ କରୋନା କବଳିତ ଜିଲାରେ ସଂକ୍ରମଣ ହ୍ରାସ ପାଇଥିଲେ ହେଁ ସଙ୍କଟ ଟଳିନାହିଁ। ସାମାନ୍ୟ ଅବହେଳା ଦୀର୍ଘଦିନର ପରିଶ୍ରମକୁ ପାଣି କରିଦେବା ଆଶଙ୍କା ଥିବାରୁ ପର୍ଯ୍ୟଟନସ୍ଥଳୀରେ ଭିଡ଼ ଏଡ଼ାଇବାକୁ କଟକଣା କଡ଼ାକଡ଼ି କରାଯାଇଛି। ଡିସେମ୍ବର ୨୫ରୁ ଜାନୁୟାରୀ ୧ ଯାଏ ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ରଗୁଡ଼ିକରେ ପର୍ଯ୍ୟଟକଙ୍କ ଆଗମନକୁ ବାରଣ କରାଯାଇଛି। କାଳେ କେହି ନିୟମ ଭାଙ୍ଗି ପ୍ରବେଶ କରିବେ ସେଥିଲାଗି ବ୍ୟାରିକେଡ୍ କରାଯିବା ସହ ପୋଲିସ ମୁତୟନ କରାଯାଇଛି। ଫଳରେ ସବୁବର୍ଷ ବଡ଼ଦିନରେ ନାଚଗୀତରେ ଫାଟି ପଡୁଥିବା ସପ୍ତଶଯ୍ୟା ଚଳିତବର୍ଷ ପର୍ଯ୍ୟଟକଶୂନ୍ୟ ହୋଇପଡ଼ିଥିଲା। ଅପରପକ୍ଷେ କଟକଣା ସମ୍ପର୍କରେ ଅବଗତ ନ ଥିବା ହାତଗଣତି ପର୍ଯ୍ୟଟକ ବୁଲିବାକୁ ଆସିଥିବାବେଳେ ସେମାନଙ୍କୁ ନିରାଶରେ ଫେରିବାକୁ ପଡ଼ିଥିଲା। ସମାନ ଘଟଣା ଦେଖିବାକୁ ମିଳିଥିଲା ପ୍ରସିଦ୍ଧ ଶୈବପୀଠ କପିଳାସରେ। ପ୍ରଶାସନିକ କଟକଣାକୁ ସମ୍ମାନ ଜଣାଇ କେହି ପର୍ଯ୍ୟଟକ ଏଠାକୁ ଆସି ନ ଥିଲେ।

ଏ ସଂକ୍ରାନ୍ତରେ ସପ୍ତଶଯ୍ୟା ସରପଞ୍ଚ ଜେସସ୍ ସାହୁ କୁହନ୍ତି, କୋଭିଡ୍ ସଂକ୍ରମଣ ବଢ଼ିବା ଆଶଙ୍କା ଥିବାରୁ ପ୍ରଶାସନିକ ନିର୍ଦ୍ଦେଶ ଅନୁଯାୟୀ ସପ୍ତଶଯ୍ୟାରେ ବଣଭୋଜି ବନ୍ଦ କରାଯାଇଛି। ନିୟମ ସମ୍ପର୍କରେ ଜାଣି ନ ଥିବା କେତେଜଣ ଲୋକ ଆସିଥିଲେ। ସେମାନଙ୍କୁ ବୁଝାଇ ଫେରାଇ ଦିଆଯାଇଛି। ପର୍ଯ୍ୟଟକ ସୂଚନା ନ ପାଇ ଯେପରି ହଇରାଣ ନ ହେବେ ସେଥିଲାଗି ସୂଚନା ଫଳକ ମଧ୍ୟ ଲଗାଯାଇଛି। ଅମାନିଆଙ୍କୁ ଜଗିବାକୁ ପୋଲିସ ମୁତୟନ ହୋଇଛନ୍ତି।

